# NATIONAL NEWS BULLETIN (ODIA)
## 20 October - 2026
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଭାରତକୁ ଆମେରିକାର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ତଥା ବ୍ୟାବସାୟିକ ଅଂଶିଦାର ଭାବେ ବର୍ଣ୍ଣନା କଲେ ଆମେରିକାର ବୈଦେଶିକ ମନ୍ତ୍ରୀ ।
- ଆତଙ୍କବାଦର ସମ୍ପୂର୍ଣ୍ଣ ଇକୋସିଷ୍ଟମ୍‌କୁ ପ୍ରତିହତ କରିବା ପାଇଁ ସମ୍ମିଳିତ ଉଦ୍ୟମ ଉପରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଗୁରୁତ୍ୱ ପ୍ରଦାନ ।
- ୨୦୨୯ ଡିସେମ୍ବର ସୁଦ୍ଧା ପଞ୍ଜାବକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରାଯିବା; ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଘୋଷଣା ।
- ଦକ୍ଷିଣ ୟେମେନ୍‌ରେ ସାମରିକ ସ୍ଥଳୀ ଉପରେ ହୁତି ବିଦ୍ରୋହୀ ଗୋଷ୍ଠୀଙ୍କ ଆକ୍ରମଣରେ ୬୦ ଜଣଙ୍କର ମୃତ୍ୟୁ ।

ଏବଂ

- ଚଳିତ ଭାରତ-ଜିମ୍ବାୱେ ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ରାୟପୁରଠାରେ ଆରମ୍ଭ ।

# ମାର୍କୋ ରୁବିଓ-ଇଣ୍ଡିଆ

ଭାରତକୁ ଆମେରିକାର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ତଥା ବ୍ୟାବସାୟିକ ଅଂଶିଦାର ବୋଲି ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି । ମୁମ୍ବାଇଠାରେ ଆଜି ଗଣମାଧ୍ୟମ ସହ ଆଲୋଚନା କାଳରେ ସେ କହିଛନ୍ତି, ଭାରତ ଏକ ଦୃଢ଼ ରଣନୈତିକ କ୍ଷେତ୍ରର ଅଂଶିଦାର ଏବଂ କ୍ୱାଡ୍‌ର ପ୍ରମୁଖ ସଦସ୍ୟ  ରହିଛି । ଭାରତକୁ ବିଶ୍ୱର ସବୁଠାରୁ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ବର୍ଣ୍ଣନା କରି ଶ୍ରୀ ରୁବିଓ ବହୁପରିମାଣର ଅଶୋଧିତ ତୈଳ ବିଶୋଧନ କରିବାରେ ଭାରତର କ୍ଷମତା ରହିଛି ବୋଲି କହିଛନ୍ତି । ଭାରତ ରୁଷରୁ ତୈଳ କ୍ରୟ କରିବା ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ରୁବିଓ କହିଛନ୍ତି, ଭାରତ ଏହାର ଶକ୍ତି କ୍ଷେତ୍ରକୁ ଅଧିକ ବ୍ୟାପକ କରିବାକୁ ଇଚ୍ଛା ପ୍ରକାଶ କରିଛି । ଏହା ମଧ୍ୟ ଏକ ବୁଦ୍ଧିମାନର କାର୍ଯ୍ୟ ବୋଲି ଶ୍ରୀ ରୁବିଓ ଉଲ୍ଲେଖ କରିଛନ୍ତି । ଭାରତର ବ୍ୟାପକ ଶକ୍ତି କ୍ଷେତ୍ର ସହ ଦୃଢ଼ ସହଯୋଗୀ ରହିବା ଆମେରିକାର ସ୍ୱାର୍ଥ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ବର୍ଣ୍ଣନା କରିଛନ୍ତି ।

ଭାରତ ଗସ୍ତରେ ଆସି ଶ୍ରୀ ରୁବିଓ ମୁମ୍ବାଇରେ ଆଜି ପହଞ୍ଚିବା ପରେ ୨୬/୧୧ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ମୁମ୍ବାଇଠାରେ ବୈଦେଶିକ ମନ୍ତ୍ରୀ ଡକ୍ଟର

ଏସ୍. ଜୟଶଙ୍କରଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ବାଣିଜ୍ୟ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଓ ଲୋକସମ୍ପର୍କ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଉଭୟ ନେତା ମତ ବିନିମୟ କରିଥିବା ଜଣାପଡ଼ିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଶ୍ରୀ ରୁବିଓଙ୍କ ଏହି ଗସ୍ତକୁ ଦ୍ୱିପାକ୍ଷିକ ରଣନୈତିକ ସହଯୋଗକୁ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି କହିଛନ୍ତି । ଶ୍ରୀ ରୁବିଓଙ୍କ ସହ ଏକ ବ୍ୟାବସାୟିକ ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିଛନ୍ତି । ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କକୁ ଅଧିକ ମଜବୁତ କରିବା ନେଇ ଉଭୟ ପକ୍ଷ ଆଲୋଚନା କରିବେ । ଆସନ୍ତାକାଲି ଶ୍ରୀ ରୁବିଓ ଗୁଜରାଟର ଜାମନଗର ଯାତ୍ରା କରିବାର କାର୍ଯ୍ୟସୂଚୀ ରହିଛି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ଆଜି ମୁମ୍ବାଇଠାରେ ଆମେରିକୀୟ ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କରିଛନ୍ତି । ଉଭୟ ପକ୍ଷଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଗ୍ରଗତି କରିବା ନେଇ ସକରାତ୍ମକ ମନୋଭାବ ପ୍ରକାଶ ପାଇଛି ।

# ରାଜନାଥ-ଏସ୍‌ସିଓ ମିଟିଂ

ଆତଙ୍କବାଦ ସମ୍ପୂର୍ଣ୍ଣ ଇକୋସିଷ୍ଟମ୍‌କୁ ପ୍ରତିହତ କରିବା ପାଇଁ ସମ୍ମିଳିତ ଉଦ୍ୟମ ଉପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁତ୍ୱ ଦେଇଛନ୍ତି । ତାଜିକିସ୍ଥାନର ଦୁସାନବେଠାରେ ସାଂଘାଇ ସହଯୋଗ ସଂଗଠନର ସରକାରୀ ମୁଖ୍ୟ ପରିଷଦର ୨୫ତମ ବୈଠକକୁ ସମ୍ବୋଧନ କରି ଶ୍ରୀ ସିଂହ ଆତଙ୍କବାଦ କାର୍ଯ୍ୟକଳାପ ଏବଂ ସେମାନଙ୍କୁ ସହଯୋଗ କରୁଥିବା କ୍ଷେତ୍ରର ସମାଜରେ କୌଣସି ସ୍ଥାନ ରହିବା ଉଚିତ୍ ନୁହେଁ । ପାରସ୍ପରିକ ଆର୍ଥିକ ସହଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ସିଂହ କହିଛନ୍ତି, ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସାର୍ବଭୌମତ୍ୱ, ସମାନତା, ସହମତି ଏବଂ ପ୍ରତ୍ୟେକଙ୍କୁ ସମ୍ମାନର ନୀତି ଅତ୍ୟନ୍ତ ଦକ୍ଷ ଓ ସ୍ଥିରତାର ସହ ପାଳନ କରାଯିବା ଉଚିତ୍ । ସାମ୍ପ୍ରତିକ ଭୂ-ରାଜନୈତିକ ପରିସ୍ଥିତି, ଯୋଗାଣ ଶୃଙ୍ଖଳରେ ପ୍ରତିବନ୍ଧକ ଏବଂ ଶକ୍ତି ଓ ଖାଦ୍ୟ ସୁରକ୍ଷା ଉପରେ ଆଲୋକପାତ କରି ପ୍ରତିରକ୍ଷା ମନ୍ତ୍ରୀ ଏସ୍.ସି.ଓ. ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମ୍ମିଳିତ ଉଦ୍ୟମ ପାଇଁ ଆହ୍ୱାନ ଦେଇଛନ୍ତି । ପାଞ୍ଚ ବର୍ଷ ପାଇଁ ବହୁପକ୍ଷିୟ ବାଣିଜ୍ୟ ଅର୍ଥନୈତିକ ସହଯୋଗ କ୍ଷେତ୍ରରେ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ଭାରତର ସହମତି ଉପରେ ସେ ଆଲୋକପାତ କରିଛନ୍ତି । ଶ୍ରୀ ସିଂହ କହିଛନ୍ତି, ଆନ୍ତର୍ଜାତିକ ଉତ୍ତର-ଦକ୍ଷିଣ ପରିବହନ କରିଡ଼ର ଏବଂ ଚବାହାର ବନ୍ଦର ଭଳି ପଦକ୍ଷେପ ଏସିଆକୁ ବ୍ୟାପକ ବଜାର ସହିତ ସଂଯୋଗ ସ୍ଥାପନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

# ପୋଲାଣ୍ଡ ପିଏମ୍‌-ଇଣ୍ଡିଆ ଭିଜିଟ୍‌

ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋଲ୍ଡ୍ ଟସ୍କ୍ ଆସନ୍ତାକାଲିଠାରୁ ତିନି ଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ସେ ଭାରତ ଗସ୍ତରେ ଆସୁଥିବା ଜଣାପଡ଼ିଛି । ଶ୍ରୀ ଟସ୍କ୍‌ଙ୍କ ସହ ପୋଲାଣ୍ଡର ଅର୍ଥ ଏବଂ ଅର୍ଥନୈତିକ ବ୍ୟାପାର ମନ୍ତ୍ରୀ ଆଣ୍ଡ୍ରେଜ୍ ଡୋମାନ୍‌ସ୍କି ଓ ଏକ ବ୍ୟବସାୟିକ ପ୍ରତିନିଧି ମଣ୍ଡଳୀ ଏହି ଗସ୍ତରେ ଆସିବେ । ଆସନ୍ତା ଗୁରୁବାର ଦିନ ଶ୍ରୀ ଟସ୍କ୍ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗଦେବେ । ଉଭୟ ନେତା ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ନୂତନ ମାର୍ଗ ଉନ୍ମୋଚନ କରିବା ନେଇ ମତ ବିନିମୟ କରିବାର ସମ୍ଭାବନା ରହିଛି । ଦ୍ୱିପାକ୍ଷିକ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମଧ୍ୟ ଉଭୟ ନେତା ଆଲୋଚନା କରିବେ । ଗସ୍ତ ଅବସରରେ ଶ୍ରୀ ଟସ୍କ ବେଙ୍ଗାଲୁରୁ ଯାଇ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ କ୍ଷେତ୍ର ସମେତ ବିଭିନ୍ନ ବ୍ୟାବସାୟିକ ଅଂଶିଦାରଙ୍କ ସହ ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ନୂଆଦିଲ୍ଲୀରେ ଆସନ୍ତା ୨୨ ତାରିଖରେ ଏବଂ ୨୩ ତାରିଖରେ ବେଙ୍ଗାଲୁରୁରେ ଭାରତ-ପୋଲାଣ୍ଡ ବ୍ୟାବସାୟିକ ସମ୍ମିଳନୀ ଅନୁଷ୍ଠିତ ହେବା ନେଇ ସ୍ଥିର ହୋଇଛି ।

# ପଞ୍ଜାବ-ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ୨୦୨୯ ଡିସେମ୍ବର ସୁଦ୍ଧା ନିଶାମୁକ୍ତ ପଞ୍ଜାବ ଗଠନ କରାଯିବ । ନିଶାଦ୍ରବ୍ୟ କାରବାର ସହ ସଂଶ୍ଲିଷ୍ଟ ପ୍ରତ୍ୟେକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ପଞ୍ଜାବକୁ ଆଜି ଦିନିକିଆ ଗସ୍ତରେ ଯାଇ ଶ୍ରୀ ଶାହା ନିଶାଦ୍ରବ୍ୟ ଆଧାରରେ ପ୍ରାଣ ହରାଇଥିବା ତିନି ଜଣ ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି । ଲୁଧିଆନାଠାରେ ଗଣମାଧ୍ୟମ ସହ ଆଲୋଚନା କାଳରେ ସ୍ୱରାଷ୍ଟ୍ର ମନ୍ତ୍ରୀ ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କୁ ପଞ୍ଜାବ ସରକାର ସୁରକ୍ଷା ପ୍ରଦାନ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ।

**V/O**

ଗସ୍ତ ଅବସରରେ ଶ୍ରୀ ଶାହା ଲୁଧିଆନାଠାରେ ଦଶହରା ଉତ୍ସବରେ ଅଂଶଗ୍ରହଣ କରିଥିଲେ ।

# ବିଜୟାଦଶମୀ

ଅସତ୍ୟ ଉପରେ ସତ୍ୟର ଏବଂ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ପବିତ୍ର ବିଜୟା ଦଶମୀ ଓ ଦଶହରା ପର୍ବ ଆଜି ସାରା ଦେଶରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଉଛି। ନଅ ଦିନ ଧରି

ଚାଲିଥିବା ନବରାତ୍ରି ଉତ୍ସବ ଏବଂ ଦୁର୍ଗାପୂଜାର ଆଜି ହେଉଛି ଅନ୍ତିମ ଦିବସ।

ଏହି ଅବସରରେ ରାବଣ, କୁମ୍ଭକର୍ଣ୍ଣ ଓ ମେଘନାଦଙ୍କ ପ୍ରତିକୃତି ଦହନ କରାଯିବାର ପରମ୍ପରା ରହିଛି । ନୂଆଦିଲ୍ଲୀର ବିଭିନ୍ନ ସ୍ଥାନରେ ରାବଣପୋଡ଼ି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

ଆଜି ବିଜୟାଦଶମୀରେ ଆୟୁଧ ପୂଜାର ମଧ୍ୟ ବିଶେଷ ମହତ୍ତ୍ୱ ରହିଛି। ଲୋକମାନେ ନିଜର କର୍ମ ଉପକରଣ, ଯନ୍ତ୍ରପାତି ଓ ପୁସ୍ତକ ଆଦି ପୂଜା କରିଥାଆନ୍ତି। ନୂତନ ବ୍ୟବସାୟ ଆରମ୍ଭ, ଶିକ୍ଷା ଗ୍ରହଣ ଏବଂ ସୃଜନଶୀଳ କାର୍ଯ୍ୟର ଶୁଭାରମ୍ଭ ପାଇଁ ଏହି ଦିନକୁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଇଥାଏ ।

## ଡେଥ୍ ଟୋଲ୍-ହାଉଥି ଷ୍ଟ୍ରାଇକ୍

ଦକ୍ଷିଣ ୟେମେନ୍‌ରେ ଏକ ସରକାରୀ ସାମରିକ ସ୍ଥଳୀ ଉପରେ ହୁତି ବିଦ୍ରୋହୀ ଗୋଷ୍ଠୀଙ୍କ ଆକ୍ରମଣ ଯୋଗୁଁ ୬୦ ଜଣଙ୍କର ମୃତ୍ୟୁ ହୋଇଛି । ଇରାନ୍ ସମର୍ଥିତ ଏହି ସଶସ୍ତ୍ର ଗୋଷ୍ଠୀ ୟେମେନ୍‌ର ଦକ୍ଷିଣ ସାବୱା ପ୍ରଦେଶରେ ଥିବା ଅଲ୍-ଆଲମ୍ ସାମରିକ ତାଲିମ୍ ଶିବିର ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଥିଲେ । ଆକ୍ରମଣର ଗୋଟିଏ ଦିନ ପରେ ୟେମେନ୍ ଅଧିକାରୀ ଆଜି କହିଛନ୍ତି, ଏହି ଆକ୍ରମଣରେ ଏ ପର୍ଯ୍ୟନ୍ତ ୧୨

ଜଣରୁ ଅଧିକ ଲୋକ ନିଖୋଜ ଅଛନ୍ତି । ତାଲିମ୍ ଅଧିବେଶନ ପାଇଁ ଗତକାଲି ପ୍ରସ୍ତୁତି ଚାଲିଥିବା ବେଳେ ହୁତି ବିଦ୍ରୋହୀ ଗୋଷ୍ଠୀଙ୍କ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା ।

## ୟୁକେ-ସାଉଦି ଏୟାର୍ ଡିଫେନ୍ସ

ହୁତି ବିଦ୍ରୋହୀ ଗୋଷ୍ଠୀଙ୍କ ଆକ୍ରମଣ ପରିପ୍ରେକ୍ଷୀରେ ସାଉଦି ଆରବ ପ୍ରତି ବ୍ରିଟେନ୍ ସାମରିକ ସମର୍ଥନ ଘୋଷଣା କରିଛି । ରୟାଲ୍ ବାୟୁସେନାର ଲଢୁଆ ବିମାନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଏ ସମ୍ପର୍କରେ ସୂଚନା ଦେଇ ବ୍ରିଟେନ୍‌ର ପ୍ରତିରକ୍ଷା ସଚିବ ୱେସ୍ ଷ୍ଟ୍ରିଟିଂ କହିଛନ୍ତି, ଏହି ବିଦ୍ରୋହୀ ଗୋଷ୍ଠୀଙ୍କ ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ରୟାଲ୍ ବାୟୁସେନାର ଟାଇଫୁନ୍ ଜେଟ୍ ସାଉଦିଆରବ ପ୍ରତିରକ୍ଷା କ୍ଷେତ୍ରକୁ ସହଯୋଗ ପ୍ରଦାନ କରିବ । ଏଥିସହ ସାମରିକ ପରିବହନ ବିମାନ ଏବଂ ବିଶେଷଜ୍ଞଙ୍କୁ ମଧ୍ୟ ସହଯୋଗ ପାଇଁ ସାଉଦି ଆରବକୁ ଯୋଗାଇ ଦିଆଯିବ ବୋଲି ଶ୍ରୀ ଷ୍ଟ୍ରିଟିଂ କହିଛନ୍ତି ।

# କ୍ରିକେଟ୍

ଭାରତ-ଜିମ୍ବାୱେ ଚଳିତ ମହିଳା ତିନିଟିକିଆ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆଜି ଖେଳାଯାଉଛି । ରାୟପୁରର ସହିଦ ବୀର ନାରାୟଣ ସିଂହ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ବ୍ୟାଟିଂ ଆରମ୍ଭ କରିଛି । ପ୍ରଥମ ଦୁଇଟି ମ୍ୟାଚ୍‌କୁ ଜିତି ଭାରତ ସିରିଜ୍‌ରେ ୨-୦ରେ ଆଗୁଆ ରହିଛି ।

# ଏସିଆନ୍ ପାରା ଗେମ୍ସ

ଜାପାନର ଆଇଚି ନାଗୋୟାଠାରେ ଚାଲିଥିବା ଏସୀୟ ପାରା କ୍ରୀଡ଼ା ପ୍ରତିଯୋଗିତାରେ ଭାରତର କ୍ରୀଡ଼ାବିତ୍ ଉନ୍ନତ ପ୍ରଦର୍ଶନ କରୁଛନ୍ତି । ଭାରତର ପଦକ ତାଲିକା ୩୫କୁ ବୃଦ୍ଧି ପାଇଛି । ସେଥିରେ ୯ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଏବଂ ୧୫ଟି କାଂସ୍ୟ ପଦକ ଅନ୍ତର୍ଭୁକ୍ତ । ପୁରୁଷ ଡିସ୍‌କସ୍ ଥ୍ରୋ ଏଫ୍-୪୪, ୬୪ ବର୍ଗରେ ଦେବେନ୍ଦର କୁମାର ଏବଂ ଏଫ୍-୫୧, ୫୨ ଓ ୫୩ ବର୍ଗରେ ପ୍ରଣବ ସୁର୍‌ମା ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ନୂତନ ଏସୀୟ ରେକର୍ଡ଼ ସ୍ଥାପନ କରିଛନ୍ତି । ଏଫ୍-୫୧ ବର୍ଗରେ ରାମରତନ ସିଂହ ରୌପ୍ୟ ପଦକ ପାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମହିଳା ୨୦୦ ମିଟର ଟି-୧୨ ବର୍ଗରେ ସିମରନ୍ ସ୍ୱର୍ଣ୍ଣ ପଦକ ପାଇଛନ୍ତି ।

ସେହି ପ୍ରତିଯୋଗିତାରେ ତେଜାଲବେନ ଦାମୋର କାଂସ୍ୟ ପଦକ ହାସଲ କରିଛନ୍ତି । ମହିଳା ୪୦୦ ମିଟର ଟି-ଟ୍ୱେଣ୍ଟି ଦୌଡ଼ ବର୍ଗରେ ଦୀପ୍ତି ଜିଭାଞ୍ଜି ସ୍ୱର୍ଣ୍ଣ ପଦକ ପାଇଛନ୍ତି ।

ପୁରୁଷ ଉଚ୍ଚ ଡିଆଁ ଟି-୪୭ ବର୍ଗରେ ନିଶାଦକୁମାର ସ୍ୱର୍ଣ୍ଣ ପଦକ ପାଇଛନ୍ତି । ଏଥିସହ ଏସୀୟ ପାରା କ୍ରୀଡ଼ା ପ୍ରତିଯୋଗିତାରେ ଗୋଟିଏ ସଂସ୍କରଣରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିବାରେ ନିଶାଦ ଭାରତର ତୃତୀୟ କ୍ରୀଡ଼ାବିତ୍ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଦକ ବିଜେତା କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।